



ଆମର ଶକ୍ତି
କୃଷକ ଗୋଷ୍ଠୀ

**ଆତ୍ମା, କୋରାପୁଟ**

ରାଜ୍ୟ ସ୍ତରୀୟ କୃଷି ପ୍ରଦର୍ଶନୀ (କୃଷିମହୋତ୍ସବ - ୨୦୧୬) ଉପଲକ୍ଷେ
ସଂପ୍ରସାରଣ ସଂସ୍କାର ଯୋଜନାରେ ୩୦୦୦ ଖଣ୍ଡ ମୁଦ୍ରିତ ।

pdatmakoraput@rediffmail.com /
atmakoraput/rmckoraput/e-nam.nic.in

# ଧ୍ରଙ୍ଗରି ଛତୁ
## ପ୍ରସ୍ତୁତି ପ୍ରଣାଳୀ





## ଧିଙ୍ଗିରି ଛତୁଚାଷ ପ୍ରଣାଳୀ

ଧିଙ୍ଗିରି ଛତୁ ବ୍ୟାଗ୍ କରିବା ପୂର୍ବରୁ ସେଥିପାଇଁ ଦରକାର ହେଉଥିବା ଉପାଦାନ ଯଥା- ନଡା, ସ୍ପନ୍, ସିଝା ଗଵମ ଓ ପଲିଥିନ୍ ବ୍ୟାଗ ଯଥା ସ୍ଥାନରେ ରଖିବା ଦରକାର ।

୧) କାଠି ବା ଲୁହା ତାର ସାହାଯ୍ୟରେ ସ୍ପନ୍ ବୋତଲ ଭିତରକୁ ଖେଞ୍ଚି ସେଥିରୁ ମଞ୍ଜି ବାହାର କରନ୍ତୁ । ସେହି ମଞ୍ଜିକୁ ୬ ଭାଗ କରନ୍ତୁ ।

୨) ୨୫୦ ଗ୍ରାମ ଦରସିଝା ଗଵମକୁ ୬ ଭାଗରେ ବିଭକ୍ତ କରନ୍ତୁ ।

୩) ପଲିଥିନ୍ ମୁଣିର ତଳ ଅଂଶକୁ ବାନ୍ଧି ଦିଅନ୍ତୁ ।

## ବ୍ୟବସାୟିକ ଛତୁ ଚାଷ

୪) ପଲିଥିନର ତଳଭାଗରେ ୬ ଇଞ୍ଚ ବହଳର ନଡା ପକାଇ ହାତରେ ଦବାଇ ଦିଅନ୍ତୁ । ଏହି ପରସ୍ତ ଉପରେ କଡରୁ ୧ ଇଞ୍ଚ ଛାଡି ଗୋଟିଏ ଭାଗ ସ୍ପନ ବା ଛତୁ ମଞ୍ଜି ପକାନ୍ତୁ ଏବଂ ତାପରେ ଗୋଟିଏ ଭାଗ ଗଵମ ଛିଞ୍ଚନ୍ତୁ । ୨ୟ ସ୍ତରରେ ପୁଣି ଛଅ ଇଞ୍ଚ ବହଳରେ ନଡା ପକାଇ ଚାପି ଦିଅନ୍ତୁ ଓ ନଡା ପରସ୍ତ ଉପରେ ଆଗଭଳି ଛତୁମଞ୍ଜି ଓ ଗଵମ ପକାନ୍ତୁ ।

୫) ତୃତୀୟ ସ୍ତରରେ ନଡା ଛଅ ଇଞ୍ଚ ଦେଇ ସାରିବା ପରେ ସ୍ପନ ବା ମଞ୍ଜିକୁ ବେଡ ଉପର ଭାଗରେ ଖେଳାଇ କରି ପକାନ୍ତୁ ଏବଂ ପୂର୍ବଭଳି ଗଵମ ଛିଞ୍ଚନ୍ତୁ । ତାପରେ ଦୁଇ ଇଞ୍ଚ ବହଳର ନଡା ପକାଇ ଶେଷରେ ପଲିଥିନ୍ ମୁଣିର ମୁହଁକୁ ବାନ୍ଧି ଦିଅନ୍ତୁ ।

୬) ବାନ୍ଧିବା ପରେ ବାୟୁ ଚଳାଚଳ ପାଇଁ କଣ୍ଟା ବା କାଠି ସାହାଯ୍ୟରେ ୧୦-୧୨ଟି କଣା କରନ୍ତୁ । କଣା କରିବା ସମୟରେ ଧ୍ୟାନ ଦିଅନ୍ତୁ ଯେପରି କଣା ଗୁଡିକ ମଞ୍ଜି ବା ଗଵମ ଉପରେ ନ ହେବ । କଣା ଗୁଡିକ ମଞ୍ଜି ବା ଗଵମ ଉପରେ ହେଲେ ମୂଷା ଖାଇବାର ସମ୍ଭାବନା ରହିଛି ।

ଏହି ପରି ଗୋଟିଏ ମଞ୍ଜି ବୋତଲରୁ ଦୁଇଟି ବେଡ୍ ତିଆରି ହୋଇପାରିବ । ବେଡ୍ ଗୁଡିକ ପ୍ରସ୍ତୁତ ହୋଇଗଲା ପରେ ଅଳ୍ପ ଆଲୋକ ଓ ଅଳ୍ପ ପବନ ଚଳାଚଳ କରୁଥିବ ଘରେ ରଖନ୍ତୁ ।

ବେଡ୍‌ଗୁଡିକ କଳା ପଡି ଦୁର୍ଗନ୍ଧ ହେଲେ ସେଗୁଡିକ କୌଣସି କାରଣରୁ ନଷ୍ଟ ହୋଇ ଯାଇଛି ବୋଲି ଜାଣିବାକୁ ହୁଏ । ଏହିପରି ବେଡଗୁଡିକ ଅନ୍ୟ ଭଲ ବେଡଠାରୁ ଦୂରରେ ରଖନ୍ତୁ ଓ ନଷ୍ଟ କରି ଦିଅନ୍ତୁ ।

୭) ୨୦-୨୨ ଦିନ ଭିତରେ ଛତୁରେ ମାଇସେଲିୟମ୍ ଗୁଡିକ ମାଡି ଧଳା ପିଣ୍ଡୁଳାରେ ପରିଣତ ହୋଇଯାଏ । ତାପରେ ପଲିଥିନ୍ ମୁଣାରୁ ପିଣ୍ଡୁଳାଟିକୁ କାଡି ଦିଅନ୍ତୁ ।

୮) ଖୋଲା ପିଣ୍ଡୁଳାଟିକୁ ନାଇଲନ୍ ଦଉଡିରେ ସିକାଭଳି କରି ଟାଙ୍ଗି ଦିଅନ୍ତୁ ।

୯) ପିଣ୍ଡୁଳାଟି ଟାଙ୍ଗିବା ପ୍ରଥମ ଦିନ ପାଣି ସ୍ପ୍ରେ କରନ୍ତୁ ।

୧୦) ୨ୟ ଦିନଠାରୁ ପ୍ରତିଦିନ ୩-୪ ଥର ପାଣି ସ୍ପ୍ରେ କରନ୍ତୁ ।

୧୧) ପିଣ୍ଡୁଳାଟି ଟାଙ୍ଗିବା/ଝୁଲାଇବାର ୪-୫ ଦିନ ମଧ୍ୟରେ କଡ ଦେଖାଯିବ ଏବଂ କଡ ଆସିବାର ୩-୪ ଦିନପରେ ତାହା ସଂପୂର୍ଣ୍ଣ ଛତୁରେ ପରିଣତ ହୋଇଥାଏ ।

୧୨) ଛତୁର ଧାରା ଭିତର ପଟକୁ ମୋଡି ହେବା ଆରମ୍ଭ ହେଲେ ଛତୁ ଅମଳ କରନ୍ତୁ । ଗୋଟିଏ ପର୍ଯ୍ୟାୟରେ ବାହାରିଥିବା ସମସ୍ତ ଛତୁକୁ ଏକ ସମୟରେ ତୋଳିଦେବା ଭଲ ।

୧୩) ଛତୁଗଡିକୁ ଅମଳ କରିସାରିବା ପରେ ଏକ ପାତ ସାହାଯ୍ୟରେ ଫିମ୍ପିଗୁଡିକ ଆସ୍ତେ ଆସ୍ତେ ରାମ୍ପି ଦିଅନ୍ତୁ ।

୧୪) ପ୍ରଥମ ଅମଳ ଓ ରାମ୍ପି ଦେବା ଦିନ ବ୍ୟାଗ୍‌ଟିରେ ପାଣି ସିଞ୍ଚନ କରନ୍ତୁ ନାହିଁ ।

୧୫) ତା ପରଦିନ ଠାରୁ ଦିନକୁ ୨-୩ ଥର ପାଣି ସିଞ୍ଚନ କରନ୍ତୁ ।

୧୬) ପ୍ରଥମ ଅମଳର ୭-୧୦ ଦିନ ମଧ୍ୟରେ ଦ୍ୱିତୀୟ ଅମଳ ଦେଇଥାଏ ।

୧୭) ଦ୍ୱିତୀୟ ଅମଳର କିଛି ଦିନ ପରେ ୩ୟ ଓ ୪ର୍ଥ ଅମଳ ଦେଇଥାଏ । ଏକ ପିଣ୍ଡୁଳାରୁ ପ୍ରାୟ ୧.୫ କି.ଗ୍ରା. ପର୍ଯ୍ୟନ୍ତ ଛତୁ ଅମଳ ମିଳେ ।

## ଧିଙ୍ଗିରି ଛତୁ ଚାଷର ଲାଭ କ୍ଷତି (ଗୋଟିଏ ମୁଣା ବା ବେଡ୍‌ରୁ)

| ଆବଶ୍ୟକୀୟ ସାମଗ୍ରୀ | ପରିମାଣ | ମୂଲ୍ୟ |
|---|---|---|
| ୧. କଟା ନଡା | ୨ କି.ଗ୍ରା | ଟ.୧୦.୦୦ |
| ୨. ଛତୁ ବିହନ | ୨୦୦ ଗ୍ରା | ଟ.୧୫.୦୦ |
| ୩. ପଲିଥିନ୍ ମୁଣା(ପୁନଃବ୍ୟବହାର ହୁଏ) | ୧ଟି | ଟ.୩.୦୦ |
| ୪. ସିଝା ଗଵମ | ୨୫୦ ଗ୍ରାମ୍ | ଟ.୯.୦୦ |
| ୫. ଅନ୍ୟାନ୍ୟ ଖର୍ଚ୍ଚ | | ଟ.୫.୦୦ |

ମୋଟ ଟ୪୧.୦୦

| ଅମଳ | ଦର | ଆଦାୟ |
|---|---|---|
| ୧.୫ କି.ଗ୍ରା. | ଟ.୧୦୦.୦୦ | ଟ.୧୫୦.୦୦ |

ମୋଟ ଖର୍ଚ୍ଚ ଟ.୪୧.୦୦ ଲାଭାଂଶ-ଟ.୧୦୯.୦୦

## କିଛି ବିଶେଷ ତଥ୍ୟ :

୧) ଅମଳ କରିବା ପରେ ଛତୁ ଗୁଡିକ ପରିଷ୍କାର କରି ୫୦୦ ଗ୍ରାମ ହିସାବରେ ପଲିଥିନ୍ ମୁଣାରେ ପୂରାଇ ବନ୍ଦ କରି ବିକ୍ରି କରାଯାଏ । ଜରି ଖୋଳରେ କିଛି ଛୋଟ ଛୋଟ କଣା ବ୍ୟବସ୍ଥା କରାଗଲେ ଛତୁ ଶୀଘ୍ର ନଷ୍ଟ ହୁଏ ନାହିଁ ।

୨) ଛତୁକୁ ଶୁଖାଇ ପରବର୍ତ୍ତୀ ସମୟରେ ବ୍ୟବହାର ପାଇଁ ରଖାଇପାରେ ୧୨.୪ ପ୍ରତିଶତ ଆର୍ଦ୍ରତା ଥିବା ଛତୁକୁ ୩ ମାସ ପର୍ଯ୍ୟନ୍ତ ସାଇତି ରଖାଯାଇପାରେ ।

୩) ଅପେକ୍ଷାକୃତ ଅଧିକ ତାପମାତ୍ରାରେ ଫ୍ଲାବେଲାଟସ୍, ସାପିଡସ୍, ସିଟ୍ରିନୋପେଲେଟସ ଓ ସଜୋର କାଜୁ କିସମ ବ୍ୟବହାର କରାଯାଇ ପାରିବ ।

୪) କମ୍ ତାପମାତ୍ରାରେ ଅଷ୍ଟ୍ରିଆଟସ, ଫ୍ଲୋରିଡା, ଏରିଞ୍ଜି, ଫ୍ଲାବେଲାଟସ୍ ଏବଂ କର୍ଣ୍ଣକପି କିସମ ବ୍ୟବହାର କରାଯାଇ ପାରେ ।